COURT OF THE TAHASILDAR
सत्यमेव जयते
LAKHANPUR

# ତହସିଲ କାର୍ଯ୍ୟାଳୟ, ଲଖନପୁର, ଝାରସୁଗୁଡା

**ବିଜ୍ଞାପନ ସଂଖ୍ୟା. ୪୫୨୩ / ତା. 06.12.2019**

**(ଲଘୁ ଖଣିଜ ଉତ୍ସର ଦୀର୍ଘମିୟାଦି ଲିଜ୍ ନମନ୍ତେ ଇସ୍ତାହାର)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଝାରସୁଗୁଡା ଲଖନପୁର ତହସିଲ ଅନ୍ତର୍ଗତ ସାରଣିଭୁକ୍ତ ଲଘୁ ଖଣିଜ ଉତ୍ସଗୁଡିକ OMMC(Amendment) Rules-2016 ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ ନମନ୍ତେ (୨୦୨୦-୨୧ ଠାରୁ ୨୦୨୪-୨୫) ଲିଜ୍ ପାଇଁ ତହସିଲଦାର ଲଖନପୁର ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC(Amendment) Rules-2016 ର (Form- M) ପୂରଣ କରି ୩(ତିନ) କପି ସହ ଆବଶ୍ୟକୀୟ କାଗଜାତ ନକଲ ସଂଲଗ୍ନ କରି ସୈରତ୍ ଉତ୍ସର ନାମ ଯଉମୁଦ ଲଫାଫା ଭିତରେ ଲେଖି ଆବେଦନ କରିବେ, ଯାହାକି ନମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତହସିଲ ଅଫିସ୍ ରେ ଥିବା Drop Box ରେ ତା. **୦୬/୧୨/୨୦୧୯** ରିଖ ରୁ ତା. **୨୦/୧୨/୨୦୧୯** ରିଖ ଅପରାହ୍ନ **୫.୦୦** ଘଟିକା ମଧ୍ୟରେ ପୈଠ କରିପାରିବେ(ଛୁଟିଦିନ ବ୍ୟତୀତ) କିମ୍ବା Regd. Post/ Speed Post ଯୋଗେ ତହସିଲଦାର ଲଖନପୁରଙ୍କ ଠିକଣାରେ ମଧ ପଠାଇ ପାରିବେ । ତା. **୨୩/୧୨/୨୦୧୯** ରିଖ ଦିବା **୧୧.୦୦** ସମୟରେ ଲିଜ ଦରଖାସ୍ତକାରୀ କମ୍ବା ତାଙ୍କ ପ୍ରତିନଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସଂପୂର୍ଣ ଦରଖାସ୍ତଗୁଡିକ ବାତିଲ୍ କରାଯିବ ।

COURT OF THE TAHASILDAR

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

୧) ଦରଖାସ୍ତ ପାଉଣା ବାବଦ 1000.00 ଅଣଫେରସ୍ତ ଟ୍ରେଜେରୀ ଚାଲାଣ (Head of Account-0853-00-102-0217-02021) ରେ ଦାଖଲ କରିବେ ।

୨) ଦରଖାସ୍ତ କରୁଥିବା ସୈରାତ୍ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର ଲଖନପୁରଙ୍କ ନାମରେ (Payable at Jharsuguda)ପ୍ରଦାନ କରିବେ (EMD i.e. 10% (Minimum guarantee quantity + Additional Charge)

୩) ବିଜ୍ଞାପନରେ ପ୍ରକାଶିତ ପ୍ରସ୍ତାବିତ ସୈରାତ୍ ଉତ୍ସର ନାମ ଲେଖି ଦରଖାସ୍ତ କରିବେ ।

୪) କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ ।

୫) ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ **Solvency Certificate**/ ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ୍ ଗ୍ୟାରେଣ୍ଟି ଯାହାକ ଦରଖାସ୍ତ କରୁଥିବା ସୈରାତ୍ ଉତ୍ସରେ ବାର୍ଷିକ ମୂଲ୍ୟ . (Minimum guarantee quantity x (royalty + Additional Charge) ଠାରୁ ଅଧିକ ହୋଇଥିବା ଆବଶ୍ୟକ, ପ୍ରଦାନ କରିବା ସହ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର ଦାଖଲ କରିବେ ।

## ବିଶେଷ୍ ସର୍ତ୍ତାବଳୀ

୧) ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୦୪, OMMC(Amendment) Rules-2016 ର ପରିସରଭୁକ୍ତ ରହିବେ ।

୨) ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟର Additional Charge ମୁଲ୍ୟ ଉପରେ ସର୍ବୋଚ୍ଚ ମୁଲ୍ୟ ଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୁଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩) ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ୍ ଚଲାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪) ଲିଜ୍ ସୁନ୍ଦେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ଵାରା ରୟାଲ୍ଟି ଓ ଅତିରିକ୍ତ ଦେୟ ର (ରୟାଲ୍ଟି ଓ ଅତିରିକ୍ତ ଦେୟର(Additional Charge) ମୁଲ୍ୟଠାରୁ କମ୍ ମୁଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ଵାରା ଧାର୍ଯ୍ୟ ଅନ୍ୟୁନ ରୟାଲ୍ଟି ହାର 1 cum ପ୍ରତି ପଥର ଟ. ୧୩୦.୦୦ ଓ 1 cum ପ୍ରତି ଅତିରିକ୍ତ ଦେୟ (Additional Charge) ଟ. ୫.୦୦ ଧାର୍ଯ୍ୟ କରାଯାଇଛି ।

Illustration:- ୧ cum ପଥର ପ୍ରତି ଅନ୍ୟୁନ୍ୟ ମୁଲ୍ୟ ଟ. ୧୩୦.୦୦ + ଟ. ୫.୦୦ = ଟ. ୧୩୫.୦୦

୫) ଲିଜ୍ ନମନ୍ତେ ଯୋଗ୍ୟ ସୈରାତ୍ ଉପର ବାର୍ଷିକ ଦେୟ (Minimum guarantee quantity x (royalty + Additional Charge) ର 25% ରାଶି ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଲିଜ ଚୟନ ଦିବସରେ ଦାଖଲ କରିବେ,

୬) ଲିଜ୍ ଧାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ Mining plan in Form O ଏବଂ Environment Clearance ଦାଖଲ କରିବେ ।

୭) Mining plan ଟି Form O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୁଚନା ସଂଖ୍ୟା ୧୫୩୩ ତା. ୧୪.୦୯.୨୦୦୬ ଅନୁଯାଇ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ ।

୮) ଲିଜ୍ ଧାରୀ Mining plan ରେ ଦର୍ଶାଯାଉଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ (Minimum guaranteed quantity) ଠାରୁ ଅଧିକ ହେଇପାରେ ଓ ଦରଖାସ୍ତ ରେ ଦେଇଥିବା ରୟାଲଟି ଓ ଅତିରିକ୍ତ ଦେୟ(Additional Charge) ଅନୁଯାୟୀ ସୈରାତ୍ ର ବାର୍ଷିକ ମୂଲ୍ୟ ଓ District Mineral Foundation କୁ ଦେୟ୍ ବାବଦକୁ ବାର୍ଷିକ ମୂଲ୍ୟ ର 5% ରାଶିକୁ ସର୍ବାଧିକ ୪ କସ୍ତିରେ (Before the end of month of March, June, September & December) ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ପ୍ରଥମ କସ୍ତି ଦାଖଲ କରିବା ସହ ଲିଜ୍ ଧାରୀ ନିଜ ଖର୍ଚ୍ଚରେ ଲିଜ୍ Agreement ବା ଚୁକ୍ତି (Registration Act- 1908 and Stamp Act- 1899) ଅନୁଯାୟୀ ସମ୍ପାଦନ କରିବେ ।

୯) ଯଦି ଯୋଗ୍ୟ ବିବେଚତ ଚୁକ୍ତି ସମ୍ପାଦନ ପୂର୍ବରୁ ମୁଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

୧୦) ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ୍ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୧୧) ଲିଜ୍ ଧାରୀ ଦାଖଲ କରିଥିବା ସୈରାତ୍ ଉତ୍ସର ବାର୍ଷିକ ମୁଲ୍ୟର ଶତକଡା ୫ ଭାଗ ଅର୍ଥ District Mineral Foundation କୁ ପଇଠ କରିବେ, ଯାହାକି ଉପରୋକ୍ତ ସ୍ତମ୍ଭ ୮ ରେ ଦର୍ଶାଯାଇଅଛି ।

୧୨) ଧାରା ୨୮ ଅନୁଯାୟୀ ଲିଜ୍ ଧାରୀଙ୍କୁ ପ୍ରତେ କ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା dead rent, Compensatory Foundation (କ୍ଷତିପୂରକ ବନୀକରଣ) ଓ Surface rent ରେ ଦାଖଲ କରିବାକୁ ପଡିବ ।

୧୩) ଆବଶ୍ୟକ ସ୍ଥଳେ ନିୟମ ଅନୁଯାୟୀ Security ବାବଦ ଜମାରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ।

୧୪) ସର୍ବୋଚ୍ଚ ନିଲାମଧାରୀ ମୂଲ୍ୟର ଶତକଡା 2(2%) (ଯଦି Pan Card ଥାଏ) TDS ବାବଦକୁ ଜମା କରିବେ ନଚେତ୍ ଶତକଡା 20(20%) ବାବଦକୁ ଜମା କରିବାକୁ ପଡିବ ।

୧୫) ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୬) ପରିବର୍ତ୍ତିତ ନିୟମ ଅନୁଯାୟୀ ଲିଜ୍ ଅବଧି ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ମୁଲ୍ୟର ଶତକଡା 40 ଭାଗ ବୃଦ୍ଧି ହେବ । ଲିଜ୍ ଧାରୀ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ରୟାଲଟି ବାବଦକୁ ବୃଦ୍ଧି ରାଶି ଜମା କରିବେ ।

୧୭) ନିଲାମଧାରୀମାନେ OMMC(Amendment) Rules-2016 ର 28, 29, 30 ଏବଂ 32 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

**ଜ୍ଞାପକ ସଂଖ୍ୟା :** ୪୪୨୪ / **ତାରିଖ :** ୦୨.୧୨.୨୦୧୯ ,

ଏହାର ଏକକତା ନକଲ DIO, NIC, Jharsuguda ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହିତ ଏହାକୁ ଜିଲ୍ଲା Website ରେ ବିଜ୍ଞାପନ ନିମନ୍ତେ ଅନୁରୋଧ କରାଗଲା ।

ଜ୍ୟୋତ୍ସ୍ନାରାଣୀ ସାହୁ

ତହସିଲଦାର, ଲଖନପୁର

Tahasildar
Lakhanpur

COURT OF THE TAHASILDAR LAKHANPUR
सत्यमेव जयते

ଜ୍ଞାପକ ସଂଖ୍ୟା : ୪୫୨୫/ ତାରିଖ : ୦୬.୧୨.୨୦୧୯

ଏହାର ଏକକତା ନକଲ ଜିଲ୍ଲାପାଳ, ଝାରସୁଗୁଡା / ଉପ-ଜିଲ୍ଲାପାଳ, ଝାରସୁଗୁଡା / ସମସ୍ତ ତହସିଲଦାର, ଝାରସୁଗୁଡା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲଖନପୁର / ସମ୍ପୃକ୍ତ ଥାନା / ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ / ସମ୍ପୃକ୍ତ ଗ୍ରାମ / ସମ୍ପୃକ୍ତ ଗ୍ରାମ ପଂଚାୟତ / ଜି.ମ୍., ଓ.ପି.ଜି.ସି. ବନହରପାଲି / ଜି.ମ୍., ଆ.ଇ.ବି.ପି.(ୟୁ) ଏଲ୍, ସାହାଜବାହାଲ / ଏମ୍.ଡି., ଟି.ଆର୍.ଏଲ୍., ବେଲପାହାଡ / ସି.ଜି.ଏମ୍. ମହାନଦୀ କୋଇଲା ଖଣି ପ୍ରକଳ୍ପ ଲିଃ., ଲଖନପୁର / ନିର୍ବାହୀ ଅଧିକାରୀ, ବେଲପାହାଡ ପୌର ପରିଷଦ / ନିର୍ବାହୀ ଅଧିକାରୀ, ଝାରସୁଗୁଡା ପୌର ପରିଷଦ / ନିର୍ବାହୀ ଅଧିକାରୀ, ବ୍ରଜରାଜନଗର ପୌର ପରିଷଦ / ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଝାରସୁଗୁଡା / ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଝାରସୁଗୁଡା / ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ଝାରସୁଗୁଡା / ପୂର୍ବତନ ଲିଜଧାରୀ ଏବଂ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପଠାଗଲା ।

ଏହାର ଏକକତା ନକଲ ତହସିଲଦାର ଲଖନପୁରଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ୍ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦିଆଗଲା ।

ତହସିଲଦାର, ଲଖନପୁର

Tahasildar
Lakhanpur